# ଏ ପରିବର୍ତ୍ତନ ଯଥେଷ୍ଟ ନୁହେଁ

ମୁଖ୍ୟମନ୍ତ୍ରୀ ତାଙ୍କ ଦିଲ୍ଲୀ ଗସ୍ତର ଅବ୍ୟବହିତ ପୂର୍ବରୁ ରାଜ୍ୟ ତଥା ଜିଲ୍ଲା ପ୍ରଶାସନରେ ଯେଉଁ କେତେକ ଅଦଳ ବଦଳ କରିଛନ୍ତି ତାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ନୁହେଁ । ବସ୍ତୁତଃ ନିର୍ବାଚନରେ ବିଜୟଲାଭ କରି ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ହେବାପରେ ତାଙ୍କର ନୂଆ ମନ୍ତ୍ରୀମଣ୍ଡଳ ସହିତ ଏକ ନୂଆ ପ୍ରଶାସନର ଆବଶ୍ୟକତା ରହିଥିଲା । କିନ୍ତୁ କୌଣସି କୌଣସି ରାଜନୈତିକ କାରଣରୁ ଏ ପ୍ରକାର ପରିବର୍ତ୍ତନ କରିବା ସମ୍ଭବ ହୋଇ ନଥିଲା । ସେଥିପାଇଁ ଗତବର୍ଷ ସରକାରଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥିଲା । ନୂତନ ବର୍ଷର ଆରମ୍ଭରେ ନୂତନ ମୁଖ୍ୟ ଶାସନସଚିବଙ୍କ ଦାୟିତ୍ୱ ଗ୍ରହଣ ପରଠାରୁ ପ୍ରଶାସନରେ ଅନ୍ୟ ଆନୁଷଙ୍ଗିକ ପରିବର୍ତ୍ତନ ବିଷୟରେ ପ୍ରାୟ ସମସ୍ତେ ଚିନ୍ତାକରି ଆସୁଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ନିଜେ ବ୍ୟକ୍ତିଗତ ଭାବେ ଏ ପରିବର୍ତ୍ତନର ସୂଚନା ଦେଇଥିଲେ ।

ଗୋଟିଏ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ସରକାରଙ୍କର ଉଚ୍ଚ ପ୍ରଶାସନରେ ଅଦଳ ବଦଳ କରିବା ସମ୍ପୂର୍ଣ୍ଣ ଅଧିକାର ରହିଛି । ଏହାଦ୍ୱାରା ଜନ ସମର୍ଥନରେ ନିର୍ବାଚିତ ସରକାର ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଓ ବିଭିନ୍ନ ଲୋକାଭିମୁଖ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନକୁ ଅଧିକ ସଚେତନ ଏବଂ ଦକ୍ଷ କରିବାରେ ସମର୍ଥ ହୋଇଥାନ୍ତି । ସେ ଦୃଷ୍ଟିରୁ ସବୁବେଳେ ପ୍ରଶାସନିକ ଅଦଳ ବଦଳ ସ୍ୱାଗତଯୋଗ୍ୟ ।

ଗତ ସପ୍ତାହରେ ହୋଇଥିବା ପ୍ରଶାସନିକ ସ୍ତରରେ ଅଦଳ ବଦଳକୁ ଗୋଟିଏ ଦୃଷ୍ଟିରୁ ସ୍ୱାଗତ କରାଗଲେ ମଧ୍ୟ ଅନ୍ୟ ଏକ ଦୃଷ୍ଟିରୁ ଏହା ଅସମ୍ପୂର୍ଣ୍ଣ ବୋଲି କୁହାଯାଇ ପାରେ । ବହୁ ଦିନରୁ ପ୍ରଶାସନରେ ଥିବା କେତେକ ଅସଙ୍ଗତି ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଉଥିଲା । ସୁଖର କଥା, ସରକାର ଏହି ପରିବର୍ତ୍ତନରେ ଏହି ଅସଙ୍ଗତିକୁ କିଛି ମାତ୍ରାରେ ଦୂର କରିଛନ୍ତି । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କର ଘରୋଇ ବିଭାଗର ସଚିବ ଏବେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ଆଇନ ଶୃଙ୍ଖଳା ବିଷୟରେ ଅବଗତ କରାଇ ପରାମର୍ଶ ଦେବାପାଇଁ ପୁରା ସମୟ ପାଇବେ । ସେହିପରି ଶିଳ୍ପବିଭାଗର ସଚିବ 'ଇଡ୍‌କୋ'ର ଅଧ୍ୟକ୍ଷ ହୋଇ ସରକାରଙ୍କର ନୂତନ ଶିଳ୍ପନୀତିକୁ କାର୍ଯ୍ୟକାରୀ କରିବାରେ ଅଧିକ ସହାୟକ ହେବେ ବୋଲି ଆମର ବିଶ୍ୱାସ । ଶିଳ୍ପ କ୍ଷେତ୍ରରେ ଗତ ୫ ବର୍ଷର ଅନୁଭୂତି ଉପରେ ଆଧାରିତ ଆସନ୍ତା ୫ ବର୍ଷର ଶିଳ୍ପନୀତି ଅତି ଅଗ୍ନିପରୀକ୍ଷାର ସମ୍ମୁଖୀନ । ସେଥିପାଇଁ ଶିଳ୍ପ ବିଭାଗର ସଚିବଙ୍କୁ ଅନ୍ୟ କୌଣସି ଦାୟିତ୍ୱ ଦେଇ ଭାରାକ୍ରାନ୍ତ କରାଯାଇ ନଥିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଜିଲ୍ଲା ପ୍ରଶାସନରେ ମଧ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖନୀୟ ପରିବର୍ତ୍ତନ କରିଛନ୍ତି । ବିଶେଷ କରି କଳାହାଣ୍ଡି ଓ କୋରାପୁଟକୁ ନେଇ ସାରା ଭାରତରେ ଓଡ଼ିଶାର ଯେଉଁ ଚିତ୍ର ଅଙ୍କନ କରାଯାଉଛି ଏବଂ ସରକାରୀ ଅପାରଗତାର ଯେଉଁ ଅଭିଯୋଗ ବାରମ୍ବାର ବିଭିନ୍ନ ମହଲରେ ହେଉଛି, ଏ ପରିବର୍ତ୍ତନ ଦ୍ୱାରା ତା'ର ଅବସାନ ଘଟିବ ବୋଲି ଆଶା କରିବା ସ୍ୱାଭାବିକ । ଗଞ୍ଜାମର ଜିଲ୍ଲାପାଳଙ୍କୁ କଳାହାଣ୍ଡିର ଦାୟିତ୍ୱ ଦିଆଯାଇଛି । ଗତ ବର୍ଷକ ମଧ୍ୟରେ ଗଞ୍ଜାମରେ ମୁଣ୍ଡଟେକି ଉଠିଥିବା ଆଇନଶୃଙ୍ଖଳା ସମସ୍ୟାକୁ ସମାଧାନ କରି ପ୍ରଶାସନରେ ଶୃଙ୍ଖଳା ଆଣିବାରେ ଗଞ୍ଜାମ ଜିଲ୍ଲାପାଳ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି । ସେଥିପାଇଁ କଳାହାଣ୍ଡି ତାଙ୍କ ପାଇଁ ଆଉ ଗୋଟିଏ ନୂତନ ଆହ୍ୱାନ । ଅନ୍ୟମାନଙ୍କ ଭଳି ଏଥର ବି ସେ ବ୍ୟତିବିଧାନ ନ ମାନି ତାଙ୍କ କ୍ଷେତ୍ରର ପ୍ରଭାବ ମଣିବା ଉଚିତ । କୋରାପୁଟ ଜିଲ୍ଲାରେ ଜିଲ୍ଲାପାଳ ଏବଂ ମନ୍ତ୍ରୀଙ୍କ ସମ୍ପର୍କକୁ ନେଇ ନିକଟ ଅତୀତରେ ବିଭିନ୍ନ ଆକ୍ଷେପ ଏବଂ ଅଭିଯୋଗମାନ ହୋଇଅଛି । ଜିଲ୍ଲାପାଳଙ୍କ ବଦଳି ଦ୍ୱାରା ଏ ସନ୍ଦେହ ଏବଂ ଅନିଶ୍ଚିତତା ଦୂର ହେବ ବୋଲି ଆଶା ।

ମୁଖ୍ୟମନ୍ତ୍ରୀଙ୍କର ପ୍ରଶାସନିକ ପରିବର୍ତ୍ତନ ଏହିସବୁ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ, ଏହାକୁ ଏକ ସମ୍ପୂର୍ଣ୍ଣ ନୂତନ ପ୍ରଶାସନିକ ଅଭିମୁଖ୍ୟ ବୋଲି କହିହେବ ନାହିଁ । କାରଣ ମୁଖ୍ୟଶାସନ ସଚିବଙ୍କ ନିଯୁକ୍ତି ପୂର୍ବତନ ମୁଖ୍ୟଶାସନ ସଚିବଙ୍କର ଅବ୍ୟାହତି ପରେ ଅପରିହାର୍ଯ୍ୟ ଥିଲା । ସ୍ୱରାଷ୍ଟ୍ର, ଅର୍ଥ, ଶିଳ୍ପ, ଶିକ୍ଷା, କୃଷି ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗମାନଙ୍କରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଏସବୁ ବିଭାଗରେ ରାଜ୍ୟର ସାମୂହିକ ଦୀର୍ଘ ଦୃଷ୍ଟିରୁ ପ୍ରଶାସନରେ ଜଡ଼ତା ଦୂରକରି ଏକ ନୂତନ ଅଭିମୁଖ୍ୟ ଆଣିବା ପାଇଁ ପୁଣି କିଛିଟା ପରିବର୍ତ୍ତନ ଆବଶ୍ୟକ ମନେହେଉଛି ।

ସୌମ୍ୟରଞ୍ଜନ ପଟ୍ଟନାୟକ